# ଜିଲ୍ଲା ସାହିତ୍ୟ ସଂସଦ ଦ୍ୱାରା ମହୋତ୍ସବ ଉପଲକ୍ଷେ କବିତା ପାଠ ଉତ୍ସବ ଅନୁଷ୍ଠିତ ।

ଅଷ୍ଟମ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲାସାହିତ୍ୟ ସଂସଦ ଦ୍ୱାରା ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । କବି ହେଉଛି ସ୍ରଷ୍ଟା ଏବଂ ତାର ହୃଦୟ ନିର୍ମଳ ହୋଇଥିବାରୁ କଲମ ମୁନରେ ନିଜର ସୃଜନଶୀଳତାର ପରିପ୍ରକାଶ କରି ସମାଜର ମଂଗଳ କାମନା କରିଥାଏ । ଗୋଟିଏ

ସ୍ଥାନରେ କବିତା ପାଠ,ଯୋଗ ଓ ପ୍ରାଣାୟମ ଶିବିର,ପଲ୍ଲିଶ୍ରୀମେଳା,ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଓ ଚିତ୍ରକଳା ପ୍ରଦର୍ଶନୀ ମହୋତ୍ସବର ଶୋଭା ମଣ୍ଡନ କରୁଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । କବିର ଲେଖା ସବୁବେଳେ ସାମଜକୁ ଦିଗଦର୍ଶନ ଦେବା ସହ ସମାଜରେ ସୁଧାର ଆଣିବାରେ ସହାୟକ ହୋଇଥାଏ । ଅନୁଗୋଳ ହେଉଛି କଳା ଓ ସଂସ୍କୃତିର ମାଟି, ଅନେକ କବି ଓ କବୟିତ୍ରୀମାନଂକର ସମାବେଶ ମହୋତ୍ସବର ଶୋଭା ବଢାଇବା ସହ କବିତାଗୁଡିକ ସମସ୍ତଂକ ପାଇଁ ପାଠକୀୟ ଆଦୃତି ହୋଇପାରିବ ବୋଲି ଜିଲ୍ଲପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାହିତ୍ୟ ସଂସଦର ସଭାପତି ଶ୍ରୀ କୁମୁଦ ଚନ୍ଦ୍ର ଦାଶ ଏହି ସଭାରେ ଅଧ୍ୟକ୍ଷତା କରି ଆଧୁନିକ ଓ ଯୁଗୋପଯୋଗୀ କବିତା ସହ ବେଦ ଓ ଉପନିଷଦ କବିତା ପାଠ ଉପରେ ଅଧିକ ଗୁରୁତ୍ୱ ଦେବାକୁ କବି ଓ କବିୟତ୍ରୀମାନଂକୁ ପରାମର୍ଶ ଦେଇଥିଲେ । ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶାନ୍ତନୁ କୁମାର ସର କବିତା ପାଠ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କବି ଓ କବିୟତ୍ରୀମାନଂକ ଦ୍ୱାରା ଅନୁଗୋଳ ଜିଲ୍ଲା ସମ୍ପର୍କରେ ସ୍ୱରଚିତ କବିତା ଆବୃତି ଉଚ୍ଚକୋଟିର ଥିଲା ବୋଲି ପ୍ରକାଶ କରିଥିଲେ । କବିତା ପାଠ ଉତ୍ସବର ନୋଡାଲ ଅଫିସର ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂ ଏହାକୁ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତି ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦୀଶ ରାଏଙ୍କ ସମେତ ଅନୁଗୋଳ ଓ ଢେଂକାନାଳର ବିଭିନ୍ନ ଅଞ୍ଚଳରୁ ୩୨ଜଣ କବି ଓ କବୟିତ୍ରୀମାନେ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଶିକ୍ଷକ ଶ୍ରୀ କୁଳମଣୀ ମେହେର ଓ ଲିପିକା ମହାପାତ୍ର ଏହି କବିତା ପାଠ ଉତ୍ସବକୁ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ବିଶିଷ୍ଟ ବିପ୍ଳବୀ କବି ରବି ସିଂଙ୍କର ଦେହାନ୍ତ ହୋଇଥିବାରୁ ତାଂକର ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।




ଜିଲ୍ଲା ମହୋତ୍ସବ ଅନୁଗୋଳ
୨୦୨୦
କବିତା ପାଠୋତ୍ସବ
ସଂସ୍କୃତି ପରିଷଦ
ସାହିତ୍ୟ ସଂସଦ